ଶେଷ ପୃଷ୍ଠା

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 3rd July, 2025 Thursday | RNI Regd. No. ODIODI/2006/23033 | Postal Regd. No. : BN/169/13-15

ଭାଇଙ୍କ ହିରୋଗିରି

ହେଲ୍‌ଥ



ଟନିକ୍

ଭାଇ ଭାଉଜଙ୍କ ସହିତ କଲେଜ ପଢୁଆ ଝିଅ ସପିଂମଲକୁ ଯାଇଥିଲା । ସେଠି ନଣନ୍ଦ ଏବଂ ଭାଉଜ ଗୋଟିଏ ଜାଗାରେ ଠିଆ ହୋଇଥିବା ବେଳେ ଭାଇ ଟିକେ ଦୂରରେ ଠିଆ ହୋଇଥାନ୍ତି । ଏଇ ସମୟରେ ନଣନ୍ଦ ଡୋଳା ନଚେଇ ଭାଉଜଙ୍କୁ କହିଲା– ଭାଉଜ, ଭାଇଙ୍କୁ ପ୍ଲାଣ୍ଟ ଆଉ ବାନିଅନ ଭଲ ମାନୁନି । ଆଉ ତମେ କ'ଣ କହୁଥିଲ ଭାଇଙ୍କୁ ବାନିଅନଟା ଟାଇଟ୍ ହେଉଛି ବୋଲି? ଅନେକକି ଦେଖି ସେ ଝିଅଟା କେତେବେଳୁ ଭାଇଙ୍କ ଆଡ଼କୁ ସେମିତି ଅନେକ କି ରହିଛି ।

ଭାଉଜ ଏକଥା ଶୁଣିବା ମାତ୍ରେ ମୁହଁ ମୋଡ଼ି କହିଲେ– ହଁ ମ, ମୁଁ ଜାଣିଛି ତମ ଭାଇଙ୍କ କାରନାମା । ଦେଖିବା କେତେବେଳ ଯାଏଁ ସିଏ ପେଟକୁ ଭିତରକୁ କରି ରଖିପାରୁଛନ୍ତି? ଆଉ ତିନି ମିନିଟ୍ ପରେ ପର୍ଦ୍ଦାଫାସ ।

ପତ୍ନୀ ଓ ଝିଅଙ୍କୁ ମାସକୁ ୪ ଲକ୍ଷ ଟଙ୍କା ଦେବେ ମହମ୍ମଦ ସାମି

ନୂଆଦିଲ୍ଲୀ,୨।୭: ଏକ୍ସପ୍ରେସ୍ ନ୍ୟୁଜ୍

ପତ୍ନୀଙ୍କ ସହ ଛାଡପତ୍ର ମାମଲାରେ କ୍ରିକେଟର ମହମ୍ମଦ ଶାମିଙ୍କୁ କଲିକତା ହାଇକୋର୍ଟ ବଡ ଝଟକା ଦେଇଛନ୍ତି। ପତ୍ନୀ ହସିନା ଜାହାନଙ୍କ ଠାରୁ ଛାଡ ପତ୍ର ଚାହୁଁଥିବା ଶାମିଙ୍କୁ କୋର୍ଟ ବଡ ନିର୍ଦ୍ଦେଶ ଦେଇଛନ୍ତି। ହସିନା ଓ ଝିଅ ଆଇରାଙ୍କ ଭରଣପୋଷଣ ପାଇଁ ଶାମିଙ୍କୁ ମାସିକ ୪ ଲକ୍ଷ ଟଙ୍କା ଲେଖାଏ ଦେବାକୁ ଆଜି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ଶାମି ଭରଣପୋଷଣ ପାଇଁ ମାସିକ ୪ ଲକ୍ଷ ଟଙ୍କା ଦେବେ। ଏହା ମଧ୍ୟରୁ ୧.୫ ଲକ୍ଷ ହସିନା ଓ ବାକି ୨.୫୦ ଲକ୍ଷ ଟଙ୍କା ଝିଅ ପାଇଁ ଖର୍ଚ୍ଚ ହେବ। ଏହି ଭରଣପୋଷଣ ଅର୍ଥ ପିଛିଲା ଭାବେ ୭ ବର୍ଷ ତଳୁ ଲାଗୁ ହେବ। ହାଇକୋର୍ଟ ତଳ କୋର୍ଟଙ୍କୁ ୬ ମାସ ମଧ୍ୟରେ ମାମଲାର ରଫାଦଫା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା

ଦେବା ପାଇଁ ପ୍ରଦତ୍ତ ଆଇନ ଅନୁସାରେ ହସିନା ଏପରି ମାମଲା କରିଥିଲେ।

ଶାମିଙ୍କ ଠାରୁ ୧୦ ଲକ୍ଷ ଟଙ୍କାର ଭରଣପୋଷଣ ପାଇଁ ହସିନା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ନିଜ ପାଇଁ ୭ ଲକ୍ଷ ଓ ଝିଅ ପାଇଁ ୩ ଲକ୍ଷ ଟଙ୍କା ଶାମିଙ୍କ ଠାରୁ ଆଣିବାକୁ ଚାହୁଁଥିଲେ। କିନ୍ତୁ ତଳ କୋର୍ଟ ଏହାକୁ ଖାରଜ କରି ଦେଇଥିଲେ।

ଏବେ ହାଇକୋର୍ଟ ଭରଣପୋଷଣ ପାଇଁ ମାସିକ ୪ ଲକ୍ଷ ଟଙ୍କା ଉଭୟ ମା' ଓ ଝିଅଙ୍କୁ ଦେବାକୁ କହିଛନ୍ତି। ଶାମି ୪ ଲକ୍ଷ ଟଙ୍କାର ଭରଣପୋଷଣ ଖର୍ଚ୍ଚ ଦେବାକୁ ସକ୍ଷମ। ସେହିପରି ହସିନା ମଧ୍ୟ ଦ୍ୱିତୀୟ ବିବାହ କରି ନଥିବାର, ସେ କ୍ଷତିପୂରଣ ପାଇବାକୁ ଯୋଗ୍ୟ ବୋଲି କହି କୋର୍ଟ ନିଜ ରାୟରେ କହିଛନ୍ତି।

କୋର୍ଟ ସାମିଙ୍କୁ ଭରଷପୋଷଣ ଦେବାକୁ ନିର୍ଦ୍ଦେଶ ଦେବା ପରେ ହାସିନ୍ ଗଣମାଧ୍ୟମରେ କହିଛନ୍ତି, 'ବିବାହ ପୂର୍ବରୁ ମୁଁ ମଡେଲିଂ ଏବଂ ଅଭିନୟ କରୁଥିଲି। ସେତେବେଳେ ଯାହା ରୋଜଗାର ହେଉଥିଲା ତାହା ମୋ ପାଇଁ ଯଥେଷ୍ଟ ଥିଲା। ସାମି ମୋତେ ମୋର ପେଶା ଛାଡିବାକୁ ବାଧ୍ୟ କରିଥିଲେ। ସେ ଚାହୁଁଥିଲେ ଯେ ମୁଁ କେବଳ ଜଣେ ଗୃହିଣୀ ଜୀବନ ବଞ୍ଚିବି। ମୁଁ ସାମିଙ୍କୁ ଏତେ ଭଲପାଉଥିଲି ଯେ ଖୁସିରେ ଏହାକୁ ଗ୍ରହଣ କରିଥିଲି। କିନ୍ତୁ ବର୍ତ୍ତମାନ ମୋର ନିଜର କୌଣସି ରୋଜଗାର ନାହିଁ। ସାମିଙ୍କୁ ଆମର ଭରଣପୋଷଣର ସମସ୍ତ ଦାୟିତ୍ୱ ବହନ କରିବାକୁ ପଡିବ। ସେଥିପାଇଁ ସେ ଅରାଜି ହେବାରୁ ଆମକୁ କୋର୍ଟର ଦ୍ୱାରସ୍ଥ ହେବାକୁ ପଡିଲା। ଭଗବାନଙ୍କୁ ଧନ୍ୟବାଦ ଯେ ଆମ ଦେଶରେ ଏକ ଆଇନ ଅଛି; ଯାହା ଲୋକଙ୍କୁ ସେମାନଙ୍କର ଦାୟିତ୍ୱ ବହନ କରିବାକୁ ନିର୍ଦ୍ଦେଶ ଦିଏ'।

ସକାଳେ ଗରମ: ସନ୍ଧ୍ୟାରେ ନରମ

ଭୁବନେଶ୍ୱର,୨।୭
ଏକ୍ସପ୍ରେସ୍ ନ୍ୟୁଜ୍

ରାଜଧାନୀ ଭୁବନେଶ୍ୱରରେ ବିଏମସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ପରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ନେଇ ହରଡ଼ଘଣାରେ ରାଜ୍ୟ ସରକାର। ଆକ୍ରମଣ ଘଟଣାରେ ଜଗନ୍ନାଥ ଓରଫ ଜଗା ପ୍ରଧାନକୁ ଗିରଫ କରିବା ଦାବି ଜୋର ଧରିବା ପରେ ବୁଧବାର ସକାଳେ ନିଜଆଡୁ କେତେକ ଗଣମାଧ୍ୟମରେ ଆକ୍ରମଣକୁ ଏକ ପ୍ରକାର ଯଥାର୍ଥ ବୋଲି ଦର୍ଶାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ପରବର୍ତ୍ତୀ ମୁହୂର୍ତ୍ତରେ କେତେଜଣ ଦଳୀୟ ନେତା ଏଭଳି ମନ୍ତବ୍ୟକୁ ନାପସନ୍ଦ କରିଥିଲେ।

ତେବେ ଦିନ ତମାମ ଏକ ପ୍ରକାର ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସମୂହ ଛୁଟିରେ ଯାଇଥିବା ଓଏଏସ ସଙ୍ଘ ସହ ଓଡିଶା ରେଭିନ୍ୟୁ ସର୍ଭିସର ଅଧିକାରୀମାନେ ମଧ୍ୟ ସାମିଲ ହୋଇଥିଲେ। ପରିସ୍ଥିତିକୁ ଦେଖି ଓ ଦଳୀୟ ଚାପରେ ସନ୍ଧ୍ୟା ବେଳକୁ ଜଗନ୍ନାଥ ପ୍ରଧାନଙ୍କ ସ୍ୱର ନରମି ଯାଇଥିଲା। ଏକ ଟ୍ୱିଟ ଜରିଆରେ ସେ 'ଆଇନକୁ ସମ୍ମାନ ଦେଉଛି' ବୋଲି ସ୍ପଷ୍ଟ କରିଥିଲେ। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି,

"ରାଜ୍ୟରେ ଦୁଇ ଦିନ ହେବ ବିଏମସି ଘଟଣାରେ ବିରୋଧୀ ଦଳ ଏକ ରାଜନୈତିକ ରୁଟି ସେକିବା ପାଇଁ ପ୍ରୟାସ କରୁଛି। ମୁଁ ଆଗରୁ କହିଛି, ଏବେ ବି କହୁଛି, ଏହି ଘଟଣା ଦୁଃଖଦାୟକ ଓ ନିନ୍ଦନୀୟ। ଏହାକୁ ମୁଁ କଡ଼ା ଶବ୍ଦରେ ନିନ୍ଦା କରୁଛି। ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡକୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଆମ ସରକାରର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି। ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରୁ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବି।"

ପୁରୀ: ଦକ୍ଷିଣ ମୋଡ଼ ପାଇଁ ରଥ ଆଜ୍ଞାମାଳ ବିଜେ ସଂପନ୍ନ।

ଆଇଏମ୍‌ଡିର ଆକଳନକୁ ନେଇ ଚିନ୍ତାରେ ଉତ୍ତର-ଓଡ଼ିଶାବାସୀ

ଭୁବନେଶ୍ୱର,୨।୭
ଏକ୍ସପ୍ରେସ୍ ନ୍ୟୁଜ୍

ଟଳୁନି ବନ୍ୟା ଆଶଙ୍କା। ମେ' ମାସର ପ୍ରାକ୍-ମୌସୁମୀ ପରେ ଦୁଇ ଦୁଇଟି ଲଘୁଚାପ ଯୋଗୁଁ ଜୁନରୁ ଜୁଲାଇ ଭିତରେ ବଢ଼ିଛି ବର୍ଷାର ପରିମାଣ। ବର୍ତ୍ତମାନ ସୁଦ୍ଧା ୨୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷିଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁଁ ୪୬ଟି ପଞ୍ଚାୟତ ପ୍ରଭାବିତ ହୋଇଥିଲା। ଏବେ ପୁଣି ଜୁଲାଇରେ ପ୍ରବଳ ବର୍ଷିବ ବୋଲି ପୂର୍ବାନୁମାନ କରିଛି ଆଇଏମଡି। ଜୁଲାଇରେ ରାଜ୍ୟରେ ଦେଖା ଦେଇପାରେ ବନ୍ୟା ଆଶଙ୍କା। ଜୁନ୍ ପହିଲାରୁ ଜୁଲାଇ ୧ ତାରିଖ ମଧ୍ୟରେ ମୟୂରଭଞ୍ଜରେ ୪୭୨.୮ ମିଲିମିଟର ବର୍ଷା ହୋଇଛି। ଯାହାକି ସ୍ୱାଭାବିକ ଠାରୁ ୬୯% ଅଧିକ। ସେହିଭଳି

ବାଲେଶ୍ୱରରେ ୨୮%, କେନ୍ଦୁଝରରେ ୪୦% ଓ ଭଦ୍ରକରେ ୧୬% ଅଧିକ ବର୍ଷା ହୋଇଛି। ପାଣିପାଗ ବିଭାଗ କହିଛି, ଜୁଲାଇରେ କେନ୍ଦ୍ରୀୟ ଭାରତ ଓ ସଂଲଗ୍ନ ଦକ୍ଷିଣ ଉପଦ୍ୱୀପ ଅଞ୍ଚଳରେ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି। ପୂର୍ବ ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶା ତଥା ସଂଲଗ୍ନ ଅଞ୍ଚଳ ସମେତ ବିଦର୍ଭ, ତେଲେଙ୍ଗାନା, ଗୁଜରାଟ ଓ ମହାରାଷ୍ଟ୍ରର କିଛି ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ଆଇଏମଡି। ଉତ୍ତର ଓଡ଼ିଶା ଉପରେ ଥିବା ଲଘୁଚାପ କ୍ଷେତ୍ର ଝାଡ଼ଖଣ୍ଡ ଓ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ରହିଛି। ଅନ୍ୟପଟେ ସୁବର୍ଣ୍ଣରେଖାର ଜଳ ଧାରଣ କ୍ଷମତା ଓଡ଼ିଶାର ନଥିବାରୁ ଆହୁରି ବଢ଼ିଛି ବିପଦ।

ସ୍ୱାଭାବିକ ଠାରୁ ଅଧିକ ବର୍ଷା କିଛି ଜିଲ୍ଲା ପାଇଁ ଶୁଭଙ୍କର ହୋଇପାରେ। ଗଜପତି, ନୂଆପଡ଼ା ଓ ଝାରସୁଗଡ଼ାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଛି। ଆଗକୁ ହେବାକୁ ଥିବା ଲଘୁଚାପ ବର୍ଷା ଏହାର ଭରଣା କରିପାରେ। ହେଲେ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶା ପ୍ରତି ବିପଦ ରହିଛି। ଯେଉଁଥି ପାଇଁ ଚାଷ କାମକୁ ବାରଣ କରିଛି ଓୟୁଏଟି। ବର୍ଷାର ପରିମାଣ ବଢୁଥିବାରୁ ସାର ସିଞ୍ଚନ ଓ ତଳିବୁଣା କ୍ଷତି ଆଣିବାର ସମ୍ଭାବନା ରହିଛି। ଉତ୍ତର ଓଡ଼ିଶା ଉପରେ ଥିବା ଲଘୁଚାପ କ୍ଷେତ୍ର ପଶ୍ଚିମ-ଉତ୍ତର ପଶ୍ଚିମ ଆଡ଼କୁ ଗତି କରୁଛି। ଏହାର ପ୍ରଭାବରେ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବା ସହ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏଥିସହ ଦେବଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ ଓ ବରଗଡ଼ରେ ବି ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ଜୟପୁର-କୋରାପୁଟ ରେଳଲାଇନ୍‌ରେ ଭୂସ୍ଖଳନ: ୩ ଟ୍ରେନ୍ ବାତିଲ

କୋରାପୁଟ,୨।୭
ଏକ୍ସପ୍ରେସ୍ ନ୍ୟୁଜ୍

କୋରାପୁଟ-ଜୟପୁର ରେଳଧାରଣାର ମାଳିଗୁଡା-ଜରଟି ଷ୍ଟେସନ ମଧ୍ୟରେ ଭୂସ୍ଖଳନ ପରେ ପୂର୍ବତଟ ରେଳପଥର ୱାଲଟିୟର ଡିଭିଜନ ପକ୍ଷରୁ ୩ଟି ଟ୍ରେନ୍ ଚଳାଚଳ ବାତିଲ କରାଯାଇଛି। ଅଘଟଣ ପାଇଁ ୧୨ ଗୋଟି ଟ୍ରେନର ଗତିପଥର ସ୍ଥାନ ପରିବର୍ତ୍ତନ (ସର୍ଟ ଟେରମିନେସନ୍) କରାଯାଇଛି। ଆଜି ପାଇଁ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, କିରଣ୍ଡୁଲରୁ ବାହାରିବାକୁ ଥିବା କିରାଣ୍ଡୁଲ-ବିଶାଖାପାଟଣା ଟ୍ରେନକୁ ବାତିଲ କରାଯାଇଛି। ସେହିପରି ଆସନ୍ତାକାଲି ବାହାରିବାକୁ ଥିବା ଭୁବନେଶ୍ୱରରୁ ଜଗଦଲପୁର ଆସିବାକୁ ଥିବା ହୀରାଖଣ୍ଡ ଏକ୍ସପ୍ରେସକୁ ବାତିଲ କରାଯାଇଛି।

ରେଳବାଇ ପକ୍ଷରୁ କୁହାଯାଇଛି ଯେ, ଟ୍ରେନ୍‌ଲାଇନ୍ ଉପରେ ମାଟି ଅତଡା ଖସିବା କାରଣରୁ ୧୨ ଗୋଟି ଟ୍ରେନର ଗନ୍ତବ୍ୟ ସ୍ଥଳର ପରିବର୍ତ୍ତନ କରାଯାଇଛି। ଆଜି ବିଶାଖାପାଟଣାରୁ କିରଣ୍ଡୁଲ ଯିବାକୁ ଥିବା ଟ୍ରେନ କୋରାପୁଟ ଷ୍ଟେସନ ପର୍ଯ୍ୟନ୍ତ ଆସିବ। ସେହିପରି ଭାବେ ୩ ତାରିଖରେ କିରଣ୍ଡୁଲରୁ ବିଶାଖାପାଟଣା ଯିବାକୁ ଥିବା ରାତି ଏକ୍ସପ୍ରେସ କୋରାପୁଟରୁ ଛାଡିବ। ଆଜି ଜଗଦଲପୁର–ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ ମାଳିଗୁଡାରୁ ଛାଡିବ। ରାଉରକେଲାରୁ ଜଗଦଲପୁର ଯିବାକୁ ଥିବା ଇଣ୍ଟରସିଟି ଏକ୍ସପ୍ରେସ କୋରାପୁଟ ପର୍ଯ୍ୟନ୍ତ ଗଡିବ। ଆସନ୍ତା ୩ ତାରିଖରେ ଜଗଦଲପୁର–ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ କୋରାପୁଟରୁ ଛାଡିବ। ଭୁବନେଶ୍ୱରରୁ ଛାଡୁଥିବା ହୀରାଖଣ୍ଡ ଏକ୍ସପ୍ରେସ ଜଗଦଲପୁର ବଦଳରେ କୋରାପୁଟ ଯାଏଁ ଗଡିବ। ଆସନ୍ତା ୩ ତାରିଖରେ ଜଗଦଲପୁର–ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଛାଡିବ। ୩ ତାରିଖରେ ବିଶାଖାପାଟଣା–କିରଣ୍ଡୁଲ ପାସେଞ୍ଜର ଆରକୁରୁ ଛାଡିବ। କିରଣ୍ଡୁଲ–ବିଶାଖାପାଟଣା ପାସେଞ୍ଜର ଟ୍ରେନ୍ ଆରକୁରୁ ଛାଡିବ। ହାଓଡା ଠାରୁ ଛାଡିଥିବା ହାଓ୍ୱଡା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ କୋରାପୁଟରେ ଅଟକିବ। ଜଗଦଲପୁର-ହାଓ୍ୱଡା ସମଲେଶ୍ୱରୀ ଏକ୍ସପ୍ରେସ୍ କୋରାପୁଟରୁ ଛାଡିବ।

ରାଜଭବନରୁ ସ୍ୱେଚ୍ଛାକୃତ ଅବ୍ୟାହତି ନେଲେ ହିମାଂଶୁ ପଟ୍ଟନାୟକ

ଭୁବନେଶ୍ୱର,୨।୭: ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ ବୁଧବାର ଦିନ ନିଜ ଦାୟିତ୍ୱରୁ ସ୍ୱେଚ୍ଛାକୃତ ଅବ୍ୟାହତି ନେଇଛନ୍ତି। ଜଣେ ସଚ୍ଚୋଟ, ଦକ୍ଷ, ସ୍ୱଷ୍ଟବାଦୀ ପ୍ରଶାସକ ଭାବେ ସୁନାମ ଅର୍ଜନ କରିଥିବା ଶ୍ରୀ ପଟ୍ଟନାୟକଙ୍କ ଅବସର ପରେ ତାଙ୍କୁ ପୁନଃନିଯୁକ୍ତି ଦିଆଯାଇଥିଲା। ଏହି ପୁନଃ ନିଯୁକ୍ତି ମିଆଦ ଆହୁରି ଦୁଇ ମାସ ବାକି ଥିବା ବେଳେ ଶ୍ରୀ ପଟ୍ଟନାୟକ ସ୍ୱେଚ୍ଛାକୃତ ଭାବେ ଅବ୍ୟାହତି ନେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

ଦତନ୍ତରେ ସହଯୋଗ...

ବାଲିପାଟଣାର ପ୍ରଭାତୀ ଦାସ। ଏହି ଘଟଣରେ ଅନେକ ଶ୍ରଦ୍ଧାଳୁ ଆହତ ହୋଇଥିଲେ। ଶରଧାବାଲି ଦଳାଚକଟା ପରେ ଏହି ଖବର ପୂରା ଦେଶରେ ଚର୍ଚ୍ଚା ହୋଇଥିଲା। ଜାତୀୟ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। ବିରୋଧୀ ଦଳର ନେତାମାନେ ରାଜ୍ୟ ସରକାରଙ୍କୁ ଘେରିଥିଲେ।

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ, ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଭୀଷଣ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି। ଏହି ଦୁଃଖଦାୟକ ଘଟଣାରେ ଆହତ ହୋଇଥିବା ସମସ୍ତ ଭକ୍ତଙ୍କ ଆଶୁଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ରଥଯାତ୍ରାରେ ଅଭାବନୀୟ ଭିଡ଼ ପରିଚାଳନା ପାଇଁ ଅନେକ ଭକ୍ତ ଆହତ ହୋଇଥିବା ବେଳେ ଏହାର ମାତ୍ର ଦିନକ ପରେ ପୁଣି ଆଜିର ଅଘଟଣ ଦର୍ଶାଉଛି। ଶ୍ରଦ୍ଧାଳୁଙ୍କ ପାଇଁ ଏକ ଶାନ୍ତି ତଥା ଭାବପୂର୍ଣ୍ଣ ରଥଯାତ୍ରା ସୁନିଶ୍ଚିତ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି, ଏହି ଭୟାବହ ଅଘଟଣ ଘଟିବା ସମୟରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ସେଠାରେ ନଥିଲା; ଯାହା ଦାୟିତ୍ୱରେ ଚରମ ଅବହେଳାକୁ ଦର୍ଶାଉଛି।

ତିନି ଜଣ ଶ୍ରଦ୍ଧାଳୁ ମୃତ୍ୟୁ ନେଇ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୁହଁ ଖୋଲିଥିଲେ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍ କରି ଏହି ଘଟଣା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ। କଂଗ୍ରେସ ସାଂସଦ ରାହୁଲ କହିଥିଲେ, ପୁରୀରେ ରଥଯାତ୍ରା ସମୟରେ ଘଟିଥିବା ଦଳାଚକଟା ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଶୋକସନ୍ତପ୍ତ ପରିବାରକୁ ମୁଁ ସମବେଦନା ଜଣାଉଛି ଏବଂ ଆହତ ଶ୍ରଦ୍ଧାଳୁମାନେ ଶୀଘ୍ର ଆରୋଗ୍ୟ କାମନା କରନ୍ତୁ ବୋଲି ଆଶା ରଖିଛି। ଓଡିଶା ସରକାରଙ୍କ ଠାରେ ଅପିଲ କରିବାକୁ ଚାହିଁବି, ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରନ୍ତୁ ଏବଂ କଂଗ୍ରେସ କର୍ମକର୍ତ୍ତାଙ୍କ ଠାରୁ ଆଶା କରୁଛି ଯେ, ସେମାନେ ଯଥା ସମ୍ଭବ ସହଯୋଗ କରନ୍ତୁ।

ରେଖାଙ୍କ ନୂଆ...

ଲକ୍ଷ ଟଙ୍କାରେ ୧୪ଟି ସିସିଟିଭି ଲଗାଯିବ। ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ୨ ଲକ୍ଷ ଟଙ୍କାର ୟୁପିଏସ୍ ଖଞ୍ଜାଯିବ।

ଅତିରିକ୍ତ ଭାବେ ରିମୋଟି ଚାଳିତ ୨୩ଟି ସିଲିଂ ଫ୍ୟାନ ପାଇଁ ୧.୮ ଲକ୍ଷ, ଗୋଟିଏ ଓଭେନ ଟୋଷ୍ଟ ଗ୍ରୀଲ ପାଇଁ ୮୫ ହଜାର, ୭୭ ହଜାର ଟଙ୍କାରେ ଗୋଟିଏ ସ୍ୱୟଂ ଚାଳିତ ୱାଶିଂମେସିନ, ୬୦ ହଜାର ଟଙ୍କାରେ ଗୋଟିଏ ଡିସୱାଶର, ୬୩ ହଜାର ଟଙ୍କାର ଗ୍ୟାସ ଷ୍ଟୋଭ, ୩୨ ହଜାର ଟଙ୍କାରେ ମାଇକ୍ରୋୱେଭସ ଓ ୯୧ ହଜାର ଟଙ୍କାରେ ୬ଟି ଗିଜର ପାଇଁ ଖର୍ଚ୍ଚ କରାଯିବ। ୧୧୫ଟି ଲ୍ୟାମ୍ପ, କାନ୍ଥ ଲାଇଟର୍ସ, ଝୁଲନ୍ତା ଲାଇଟ ଓ ୩ଟି ବଡ ଚାନ୍ଦିଲା ଲଗାଇବା ପାଇଁ ୬,୦୩,୯୩୯ ଟଙ୍କା ଖର୍ଚ୍ଚ ହେବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ଫେବୃଆରୀ ମାସରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଗୁପ୍ତା ବର୍ତ୍ତମାନ ନିଜର ଶାଲିମାର ବାଗ ଘରେ ରହୁଛନ୍ତି। ସେ ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଖାଲି କରିଥିବା ବାସଭବନରେ ରହିବାକୁ ମନା କରି ଦେଇଥିଲେ। ୬ ଫ୍ଲାଗଷ୍ଟାଫ ରୋଡରେ ଥିବା କେଜ୍ରିୱାଲଙ୍କ ଘରକୁ ବିଜେପି ନିର୍ବାଚନ ବେଳେ ଶୀଶମହଲ ବୋଲି କହି କଟାକ୍ଷ କରୁଥିଲା। ବିଜେପି କ୍ଷମତାକୁ ଆସିବା ପରେ ଏହାକୁ ମ୍ୟୁଜିୟମରେ ପରିଣତ କରିବ ବୋଲି କହିଛି।

ବେଆଇନ ଖଣିରେ...

ତଦନ୍ତ ଆରମ୍ଭ କରିଛି ଯୋଡ଼ା ପୁଲିସ। ଏଭଳି ବିପଦପୂର୍ଣ୍ଣ ସ୍ଥାନରେ ଏହି ନିରୀହ ଶ୍ରମିକମାନଙ୍କୁ ଆଣି କିଏ କାମରେ ଲଗାଇଥିଲା, କେବେ ଠାରୁ ଏଠାରେ ବେଆଇନ୍ ଖଣି ଖନନ କରାଯାଇ ମାଙ୍ଗାନିଜ ଉତ୍ତୋଳନ କରାଯାଉଥିଲା ଓ ଘଟଣାରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି; ଏ ସଂକ୍ରାନ୍ତରେ ପୁଲିସ ଖୋଳତାଡ଼ ଆରମ୍ଭ କରୁଛି ।

ତେବେ ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବିଛାକୁଣ୍ଡି ମୁଣ୍ଡା ବସ୍ତିର ସରୋଜ ମୁଣ୍ଡା ଓରଫ୍ ଡେଙ୍ଗରା ନାମକ ଜଣେ ବ୍ୟକ୍ତି ଏମାନଙ୍କୁ ନେଇ ଏହି ଚୋରା ଖନନ କାମରେ ଲଗାଇଥିଲା। ଘଟଣା ପରଠାରୁ ସରୋଜ ଫେରାର ଥିବା ସେମାନେ କହିଛନ୍ତି। ତାକୁ ଧରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଦୀର୍ଘ ଦିନରୁ ଖଣି ଅଂଚଳରେ ଏହି ଅବୈଧ କାରବାର ଚାଲି ଆସୁଥିବା ବେଳେ ଖଣି ବିଭାଗ ନିରବ ରହି ଆସୁଥିଲା। ଏହି ପରିତ୍ୟକ୍ତ ଖଣିରେ ପ୍ରଚୁର ପରିମାଣରେ ଉଚ୍ଚ ମାନର ମାଙ୍ଗାନିଜ ଗଚ୍ଛିତ ରହିଛି, ଯାହାର ବଜାର ମୂଲ୍ୟ କୋଟିକୋଟି ଟଙ୍କା ହେବ। ଏହି ଘଟଣା ସାମ୍ନାକୁ ଆସିବା ପରେ ଖଣି ଅଞ୍ଚଳରେ କିପରି ବେଆଇନ୍ ଖଣିଜ ଉତ୍ତୋଳନ କାର୍ଯ୍ୟ ଚାଲିଛି ତାହା ଉନ୍ମୋଚିତ ହୋଇଛି। ମୂଲ୍ୟବାନ ଲୌହ ଓ ମାଙ୍ଗାନିଜ ପଥର ଚୋରା ଚାଲାଣ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି ଖଣି ମାଫିଆ। ଏହି ଘଟଣା ଖଣି ବିଭାଗ, ବନ ବିଭାଗ ଓ ପୁଲିସ ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ହିମାଚଳରେ ଲଗାଣ...

ପ୍ରଭାବିତ ହୋଇଛି ପାଖାପାଖି ୧୮୩ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା କୁହାଯାଉଛି।

ଅନ୍ୟପଟେ ପ୍ରକୃତିର କରାଳ ରୂପ ଆଗରେ ମୁଣ୍ଡ ନୁଆଁଇ ଦେଇଥିବା ମଣ୍ଡିରେ ଏବେ ଉଦ୍ଧାର କାମ ଜୋରଦାର ଚାଲିଛି। ବର୍ଷା ଓ ବନ୍ୟାରେ ପ୍ରଭାବିତ ଲୋକଙ୍କୁ ଉଦ୍ଧାର ପାଇଁ ଅପରେସନ ଚାଲିଥିବା ବେଳେ ଏବେ ସେମାନଙ୍କ ପାଖରେ ରିଲିଫ ସାମଗ୍ରୀ ଯୋଗାଇ ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି। ହେଲିକପ୍ଟର ଯୋଗେ ରିଲିଫ ସାମଗ୍ରୀ ସହ ଖାଦ୍ୟ ଓ ଔଷଧ ବଣ୍ଟନ ପାଇଁ ସେରାଜ ଭ୍ୟାଲିରେ ହେଲିକପ୍ଟର ଆସି ପହଞ୍ଚିଛି।

ଏସଡିଆରଏଫ୍ ଟିମ୍ ମଣ୍ଡିର ସେରାଜ ଭ୍ୟାଲିରେ ପହଞ୍ଚି କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟି ଆଲୋଚନା କରିଛନ୍ତି। ବର୍ଷା ଓ ଭୂସ୍ଖଳନ ପରେ ରାସ୍ତାଗୁଡିକ ବନ୍ଦ ହୋଇ ପଡିଛି। ସେହିପରି ରାସ୍ତାରେ ପଡିଥିବା ଗଛ ସଫା କରି ପ୍ରଭାବିତ ଅଞ୍ଚଳକୁ ଏସଡିଆରଏଫ୍ ଟିମ୍ ଯାଇଛନ୍ତି। ସେମାନେ ପ୍ରଭାବିତ ଲୋକଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଔଷଧ ବଣ୍ଟନ କରିବେ।

ବାହୁଡା ପାଇଁ...

ସନ୍ଧ୍ୟା ଦର୍ଶନ। ଏହି ଅବସରରେ ପ୍ରବଳ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ ଜମିବ ଗୁଣ୍ଡିଚା ମନ୍ଦିରରେ। ୫ ତାରିଖ ବାହୁଡ଼ା ଯାତ୍ରା ପାଇଁ ଶୀଘ୍ର ସମସ୍ତ ନୀତିକାନ୍ତି କରାଯିବ। ବାହୁଡ଼ା ଯାତ୍ରା ପରଦିନ ସୁନାବେଶ ହେବାକୁ ଥିବାରୁ ଠାକୁରଙ୍କ ସଅଳ ନୀତିକାନ୍ତି କିଭଳି କରାଯିବ ସେନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସମସ୍ତ ସେବାୟତ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସୁନାବେଶ ପାଇଁ ସମସ୍ତ ନୀତି ନିର୍ଘଣ୍ଟ ଚୂଡାନ୍ତ ହୋଇଥିବା ବେଳେ ଯଥେଷ୍ଟ ପୂର୍ବରୁ ମହାପ୍ରଭୁଙ୍କ ସୁନାବେଶ କରିବା ନେଇ ଆଲୋଚନା ହୋଇଛି। ରଥ ଦକ୍ଷିଣ ମୋଡ଼ ସମୟରେ ରଥ ଦଉଡ଼ି ଟାଣିବା ପାଇଁ ଭକ୍ତ, ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ଦେଖିବାକୁ ମିଳିଥିଲା।

୨୦୨୪ ପରେ ବଦଳିଛି ଶାସନର ତରିକା: ବିଜେଡି

ଭୁବନେଶ୍ୱର,୨।୭
ଏକ୍ସପ୍ରେସ୍ ନ୍ୟୁଜ୍

ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାରକୁ ଟାର୍ଗେଟ୍ କରିଛି ବିଜେଡି। ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ୨୦୨୪ ପୂର୍ବରୁ ଯେଉଁଭଳି ଭାବେ ନବୀନ ପଟ୍ଟନାୟକଙ୍କ ଶାସନ ସୁରୁଖୁରୁରେ ଚାଲିଥିଲା ଏବେର ସରକାର ଦୁର୍ନୀତିରେ ଚାଲିଛି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ମନ୍ତ୍ରୀ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ ଓ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ରାଜ୍ୟ ହାତୀ ହତ୍ୟା ଓ ଏହାର ମୂଲ୍ୟବାନ ଦାନ୍ତ ଲୁଟ ଘଟଣାରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ସିଧାସଳଖ ସମ୍ପୃକ୍ତି ବିଷୟରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ଗତ ଜୁନ ୧୫ ତାରିଖରେ ନୀଳଗିରି ବ୍ଲକ ଅନ୍ତର୍ଗତ ତେଲିପାଡ଼ ପଞ୍ଚାୟତର ହୁଡ଼ିସାହି ଗ୍ରାମ ନିକଟରେ ଏକ ବିଶାଳ ଦନ୍ତା ହାତୀର ମୃତଦେହ ଜଙ୍ଗଲ ଅଧିକାରୀଙ୍କୁ ମିଳିଥିଲା। ଉଲ୍ଲେଖଯୋଗ୍ୟ, ମୃତ ହାତୀର ଦାନ୍ତକୁ ଦୁର୍ବୃତ୍ତମାନେ କାଟି ନେଇ ଯାଇଥିଲେ, ଯେଉଁଥିରୁ ଦାନ୍ତ ହାସଲ କରିବା ଉଦ୍ଦେଶ୍ୟରେ ହାତୀକୁ ହତ୍ୟା ହୋଇଥିବା ସ୍ପଷ୍ଟ ହୋଇଥିଲା। ପରେ ଜଙ୍ଗଲ ଅଧିକାରୀମାନେ ଏହି ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ଚାରି ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଥିଲେ। ଚାରି ଜଣ ଅଭିଯୁକ୍ତଙ୍କ ଭିତରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ସେହି ଅଞ୍ଚଳରେ ରହିଥିବା ନୀଳଗିରି ବିଧାୟକ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ଗିରଫ କରାଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ବିଧାୟକ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ଉପୁଜିଥିଲେ ମଧ୍ୟ ଜଙ୍ଗଲ ଅଧିକାରୀମାନେ ଶ୍ରୀ ଖଟୁଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି।

ଡ଼ଃ ସାମନ୍ତସିଂହାର କହିଥିଲେ, ସରକାରୀ ଦଳର ବିଧାୟକ ହୋଇଥିବାରୁ, ରାଜ୍ୟ ସରକାର ଶ୍ରୀ ଖଟୁଆଙ୍କୁ ଘଣ୍ଟ ଘୋଡାଉଛନ୍ତି। ଶ୍ରୀ ଖଟୁଆ ଅନେକ ବେଆଇନ କାମରେ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି। ୯୦ ଦଶକରେ ବାଲେଶ୍ୱରରେ ସ୍ଥିତ ଇସ୍ପାତ ଆଲୟେଜ ଲିମିଟେଡ଼ କମ୍ପାନୀରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଖଟୁଆ, ପରବର୍ତ୍ତୀ ସମୟରେ କମ୍ପାନୀ ଦେବାଳିଆ ହେବା ବେଳକୁ ନିଜେ କୋଟିପତି ହୋଇ ଯାଇଥିଲେ। ଶ୍ରୀ ଖଟୁଆଙ୍କ ବିରୋଧରେ ପୂର୍ବରୁ ପଦ୍ମଲୋଚନ ମୁଣ୍ଡ ହାଇସ୍କୁଲର ଦେଢ଼ ଏକର ଜମି ଓ ଅନ୍ୟୁନ୍ୟ ୨୦୦ ଏକର ଜଙ୍ଗଲ ଜମି ଜବରଦଖଲ କରିଥିବା ଅଭିଯୋଗ ରହିଛି। ଏହାଛଡା, ସେ ବେଆଇନ ମୋରମ ଓ ବାଲି ଉଠାଣ କାମରେ ଲିପ୍ତ ଅଛନ୍ତି ବୋଲି ଅଭିଯୋଗ ରହିଛି। ତେଣୁ, ହାତୀ ମୃତ୍ୟୁ ଓ ଦାନ୍ତ ଲୁଟ ଘଟଣାରେ ଶ୍ରୀ ଖଟୁଆଙ୍କୁ ଗିରଫ କରି ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ପେସା ଆକ୍ଟ ଲଗାଯାଉ ବୋଲି ଡ଼ଃ ସାମନ୍ତସିଂହାର ଦାବୀ କରିଥିଲେ।

ପୁରୁଣା ପେନ୍‌ସନ୍ ରୁଲ୍‌ରୁ ଯନ୍ତ୍ରୀଙ୍କୁ ବାଦ୍ ନିଷ୍ପତ୍ତିରେ ହାଇକୋର୍ଟଙ୍କ ରୋକ

ଭୁବନେଶ୍ୱର,୨।୭: ତଥ୍ୟ

ଠିକାରେ କାମ କରିବା ପରେ ଯେଉଁ ଯନ୍ତ୍ରୀମାନେ ନିୟମିତ ହୋଇଛନ୍ତି ସେମାନଙ୍କୁ ୧୯୯୨ର ପୁରୁଣା ପେନ୍‌ସନ୍ ରୁଲ୍ ଓ ୧୯୩୮ର ଜିପିଏଫ୍ ରୁଲ୍ ପରିସରରୁ ବାଦ୍ ଦେବା ପାଇଁ ଓଡ଼ିଶା ସରକାର ଯେଉଁ ନିଷ୍ପତ୍ତି କରିଛନ୍ତି ତାହା ଉପରେ ଓଡ଼ିଶା ହାଇକୋର୍ଟ ରୋକ୍ ଲଗାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୦୫ ଜାନୁଆରୀ ପହିଲା ପୂର୍ବରୁ ଠିକାରେ ଦୀର୍ଘବର୍ଷ ଧରି କାମ କରିଥିବା ବହୁ ଯନ୍ତ୍ରୀଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ନିୟମିତ କରିଥିଲେ। ଏମାନଙ୍କ ମଧ୍ୟରୁ କେତେକ ଅବସର ଗ୍ରହଣ କରି ପୁରୁଣା ପେନ୍‌ସନ୍ ରୁଲ୍ ଆଧାରରେ ପେନ୍‌ସନ, ଜିପିଏଫ୍ ଆଦି ପାଉଛନ୍ତି। ଅନ୍ୟମାନଙ୍କର ଏବେ ବି ପ୍ରତି ମାସରେ ଜିପିଏଫ୍ ଟଙ୍କା କଟୁଛି। ତେବେ ଏଣିକି ଏଭଳି ଯନ୍ତ୍ରୀମାନଙ୍କୁ ଜିପିଏଫ୍ ବ୍ୟବସ୍ଥାରୁ ବାଦ୍ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀ ଗତମାସ ୬ ତାରିଖରେ ସମସ୍ତ ଦପ୍ତରକୁ ଚିଠି ଲେଖି ଆଉ ସେମାନଙ୍କ ମାସିକ ଜିପିଏଫ୍ ଜମା ଦରମାରୁ ନକାଟିବା ଲାଗି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଏଥିରେ କ୍ଷତିଗ୍ରସ୍ତ ହୋଇ ସୁଶାନ୍ତ କୁମାର ମହାପାତ୍ର ନାମକ ଜଣେ ଯନ୍ତ୍ରୀ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ମାନ୍ୟବର ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାଟିର ବିସ୍ତୃତ ଶୁଣାଣି କରି ରାଜ୍ୟ ସରକାରଙ୍କୁ ପକ୍ଷ ରଖିବା ଲାଗି ସୁଯୋଗ ଦେବା ସହ ତାଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ସଂପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି ପ୍ରତିକୂଳ ପଦକ୍ଷେପ ନନେବାକୁ କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଅମୀୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବର୍ଷବର୍ଷ ଧରି ଠିକାରେ କାମ କରିଥିବା ବହୁ ଯନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ନିୟମିତ କରାଯାଇଛି ଏବଂ ସେମାନଙ୍କ ଭିତରୁ ଅନେକ ମଧ୍ୟ ଏକାଧିକ ପଦୋନ୍ନତି ପାଇଛନ୍ତି ଓ ଆଉ କେତେକ ଅବସର ଗ୍ରହଣ କରିଛନ୍ତି। ଏଭଳି ଘଟଣାରେ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଦପ୍ତର ଆପତ୍ତି ଉଠାଇ ଗତବର୍ଷ ଡିସେମ୍ବର ୨୬ ତାରିଖରେ ରାଜ୍ୟ ସରକାରଙ୍କୁ ଏକ ସ୍ପଷ୍ଟୀକରଣ ଦେଇଥିଲେ। ତାହାରି ଆଧାରରେ ଗତ ମଇ ୧୭ ତାରିଖରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ପତ୍ର ଲେଖି ୨୦୦୫ ଜାନୁଆରୀ ପହିଲା ପରେ ନିୟମିତ ହୋଇଥିବା ଠିକା ଯନ୍ତ୍ରୀମାନଙ୍କୁ ପୁରୁଣା ପେନ୍‌ସନ୍ ରୁଲ୍ ଓ ଜିପିଏଫ୍ ରୁଲ୍‌ର ପରିସରରୁ ବାଦ୍ ଦେବାକୁ କହିଥିଲେ।

ଓଡ଼ିଶା ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇବା ପରେ ସରକାର ବିଭିନ୍ନ ଦିଗ ପ୍ରସଂଗରେ ତର୍ଜମା କରୁଛନ୍ତି ଏବଂ ତଦନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରିଷ୍ଠ ଅଧିକାରୀ କହୁଛନ୍ତି। ଅନ୍ୟପକ୍ଷରେ ପୁରୁଣା ପେନ୍‌ସନ୍ ଆଇନ୍ ଓ ଜିପିଏଫ୍ ପରିସରରୁ ବାଦ୍ ପଡୁଥିବା ଯନ୍ତ୍ରୀମାନେ କହିଛନ୍ତି ଯେ ସେମାନେ ୮/୧୦ବର୍ଷ ଓ ତଦୁର୍ଦ୍ଧ୍ୱ ସମୟ ଠିକାରେ କାମ କରିବା ପରେ ବିଭିନ୍ନ ତାରିଖରେ ନିୟମିତ ହୋଇଛନ୍ତି। ସେମାନଙ୍କୁ ୨୦୦୫ ଜାନୁଆରୀ ପହିଲା ପୂର୍ବରୁ ରାଜ୍ୟ ସରକାର ନିୟମିତ କରିଥିଲେ ଏଭଳି ସମସ୍ୟା ଉପୁଜିନଥାନ୍ତା। ଏହି ସମୟ ସୀମା ପୂର୍ବରୁ ସେମାନେ ନିୟମିତ ଯନ୍ତ୍ରୀମାନଙ୍କ ଭଳି ସରକାରଙ୍କ ସମସ୍ତ କାର୍ଯ୍ୟ କରିଆସିଥିବା ପରିପ୍ରେକ୍ଷୀରେ ସେମାନଙ୍କୁ ନୂଆ ପେନ୍‌ସନ୍ ଓ ପ୍ରୋଭିଡେଣ୍ଟ ଫଣ୍ଡ ସ୍କିମ୍‌ରେ ସାମିଲ ନକରି ପୁରୁଣା ପେନ୍‌ସନ୍ ରୁଲ୍ ଓ ଜିପିଏଫ୍ ରୁଲ୍‌ର ସୁବିଧା ସୁଯୋଗ ଦେବା ଆବଶ୍ୟକ। ଅନ୍ୟ ବିଭାଗର ବହୁ ଯନ୍ତ୍ରୀ ଏଭଳି ସୁବିଧା ପାଉଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀମାନଙ୍କୁ ଏଥିରୁ ବାଦ୍ ଦିଆଯିବା ଘଟଣା ଘେନି ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି।

Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E Rasulgarh,Bhubaneswar-751010, Mob.: 8895483474/9583706460

Editor : **Ambika Prasad Das** ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ** | Chief Editor : **Umapada Bose** ମୁଖ୍ୟ ସମ୍ପାଦକ : **ଉମାପଦ ବୋଷ**